ଓଡିଶା ରାଜ୍ୟ ଅର୍ଥ ନିଗମ
ଓ.ଏମ.ପି . ଛକ, କଟକ – ୭୫୩୦୦୩,

# ବିକ୍ରୟ ବିଜ୍ଞାପନ

ବିଜ୍ଞାପନ ନଂ·**DDAC**/୦୧ /୧୨ –୧୩ ତା ୨୦/୦୪/୨୦୧୨

ଓଡିଶା ରାଜ୍ୟ ଅର୍ଥ ନିଗମ ନିର୍ଦ୍ଧାରିତ ଜଉମୁଦ ଦିଆ ଟେଣ୍ଡର ଫର୍ମ ମାଧ୍ୟମରେ ତା ୩୦/୦୪/୨୦୧୨ ସମୟ ଦିବା ୧୧ ଘଟିକାରେ ଓଡିଶା ରାଜ୍ୟ ଅର୍ଥ ନିଗମ ଭୁବନେଶ୍ୱର ଶାଖା କାର୍ଯ୍ୟାଳୟ, ଇନ୍ଦ୍ରଧନୁ ମାର୍କେଟ୍, ଆଇ·ଆର୍·ସି ଭିଲେଜ୍ ,ଭୁବନେଶ୍ୱର ଠାରେ ହେବାକୁ ଥିବା **Default-cum-Disposal Advisory Committee (DDAC)** ଦ୍ୱାରା ନିମ୍ନୋକ୍ତ ଶିଳ୍ପଦ୍ୟୋଗ/ଗାଡି/ସ୍ଥାବର/ଅସ୍ଥାବର ସଂପତ୍ତିକୁ "ଯେଉଁଠାରେ ଯେଉଁଭଳି ଅଛି ସେହି ଅବସ୍ଥାରେ" ବିକ୍ରୟ ପାଇଁ ଦରଖାସ୍ତ ଆହ୍ୱାନ କରୁଅଛି । ନିର୍ଦ୍ଧାରିତ ଟେଣ୍ଡର ଦରଖାସ୍ତ ଫର୍ମ ଗୁଡିକ ଆମ୍ଭର କାର୍ଯ୍ୟାଳୟରୁ କିମ୍ବା ଆମ୍ଭର ଶାଖା କାର୍ଯ୍ୟାଳୟରୁ ଟ୪୦୦/– ଦେଇ ନଚେତ୍ ଆମ୍ଭର ୱେବ୍ ସାଇଟ୍ '**www.osfcindia.com**' ମାଧ୍ୟମରୁ ସଂଗ୍ରହ କରିପାରିବେ । ଯଦି ଆମ୍ଭର ୱେବ୍ ସାଇଟ୍ ରୁ ଫର୍ମ ସଂଗ୍ରହ କରନ୍ତି ତେବେ ଆବେଦନ କାରୀଙ୍କୁ ଟେଣ୍ଡର ଫର୍ମ ମୂଲ୍ୟ ବାବଦକୁ ଅଲଗା ଭାବେ ୪୦୦ ଟଙ୍କାର ଡିମାଣ୍ଡ ଡ୍ରାଫ୍ଟ/ପେ ଅର୍ଡର ମାର୍ଫତ ଓଡିଶା ରାଜ୍ୟ ଅର୍ଥ ନିଗମ, ଦେୟ କଟକ ଠାରେ କରିବାକୁ ହେବ । ଟେଣ୍ଡର ଫର୍ମ ଗୁଡିକ ଠିକ୍ ଭାବେ ଏବଂ ସମସ୍ତ ଆବଶ୍ୟକତାକୁ ପୂରଣ କରି ଏହା ସହିତ ନିଜର ପରିଚୟ ପତ୍ରର ପ୍ରମାଣ ଏବଂ ନିର୍ଦ୍ଧାରିତ ସମ୍ପତ୍ତିର ଅମାନତ ଜମା ସହ ତା ୨୮/୦୪/୨୦୧୨ ସମୟ ୫ ଘଟିକା ମଧ୍ୟରେ ଆମ୍ଭ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ କିମ୍ବା ସଂପୃକ୍ତ ସମ୍ପତ୍ତିର ଜିଲ୍ଲାର ନିଗମ କାର୍ଯ୍ୟାଳୟ ଠାରେ ପ୍ରଦାନ କରିବାକୁ ହେବ । କୌଣସି ଟେଣ୍ଡର ଆବେଦନ ପତ୍ର ଯଦି ବିଳମ୍ବରେ ଏବଂ ନିର୍ଦ୍ଧାରିତ ଅମାନତ ଜମା ବିନା ଏବଂ ଠିକ୍ ଭାବରେ ପୂରଣ କରାଯାଇ ନ ଥିବ ତେବେ ତାହା ନାକଚ ହୋଇଯିବ । ନିଲାମଧାରୀ ସ୍ୱ ଇଚ୍ଛାରେ ପୂର୍ବରୁ ସେମାନଙ୍କର ଅବଗତ ନିମନ୍ତେ ବିକ୍ରୟ ଉଦ୍ଦିଷ୍ଟ ସମ୍ପତ୍ତି ବାବଦରେ ଆମ୍ଭ କାର୍ଯାଳୟରୁ କିମ୍ବା ସଂପୃକ୍ତ ଜିଲ୍ଲା କାର୍ଯ୍ୟାଳୟ ଠାରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି ଏବଂ ସମ୍ପତ୍ତିର କାଗଜପତ୍ର ପରୀକ୍ଷା ନିରିକ୍ଷା କରିବା ପରେ ଟେଣ୍ଡର ଆବେଦନ କରିବେ । ବିକ୍ରୟ ସମ୍ପତ୍ତି ନିଲାମଧାରୀଙ୍କୁ ହସ୍ତାନ୍ତର କରିବା ପରେ କୌଣସି ମାମଲା ହେଲେ ନିଗମ ଦାୟୀ ରହିବ ନାହିଁ । **IDCO** ପ୍ରଦତ/ ସରକାରୀ ଲିଜ୍ ଜମି ବାବଦରେ ନିଲାମଧାରୀ ଲିଜ୍ ର ସର୍ତ୍ତ ପାଳନ କରିବେ ଏବଂ ଲିଜ୍ ପ୍ରଦାନକାରୀଙ୍କ ସର୍ତ୍ତାବଳୀ କ୍ରେତାଙ୍କ ନାମକୁ ପରିବର୍ତ୍ତନ କଲାବେଳେ ମଧ୍ୟ ପାଳନ କରିବେ । ନିଗମ ବିକ୍ରୟ ପୂର୍ବରୁ ଏବଂ ପରେ ସଂପୃକ୍ତ ସମ୍ପତ୍ତିର ବାକିଥିବା କୌଣସି ବୈଧିକ ଦେୟ/ ସଂସ୍ଥାର ଦେୟ ପାଇଁ ଦାୟୀ ରହିବ ନାହିଁ ।

ନିଲାମଧାରୀ ସେମାନଙ୍କର ପରିଚୟ ପତ୍ରର ପ୍ରମାଣ ସହ ନିଜେ କିମ୍ବା ତାଙ୍କର ସ୍ୱିକୃତ ପ୍ରତିନିଧି ମାଧ୍ୟମରେ **DDAC** ରେ ଉପସ୍ଥିତ ହେବେ ଏବଂ ଯେଉଁ ମାନଙ୍କର ନିଲାମ ଡାକ ସର୍ବାଧିକ ହେବ ସେମାନେ ଘୋଷିତ ହୋଇଥିବା ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ବା ରାଜି ହୋଇଥିବା ନିଲାମ ମୂଲ୍ୟର ୨୫ ପ୍ରତିଶତ ଅମାନତ ଭାବେ ପୂର୍ବରୁ ଦେଇଥିବା ଅମାନତ ଜମାକୁ ବାଦ୍ ଦେଇ ସେହିଠାରେ ବ୍ୟାଙ୍କ ଡ୍ରାଫ୍ଟ/ପେ ଅର୍ଡର/ବ୍ୟାଙ୍କର ଚେକ୍/ନଗଦ ଟଙ୍କା ଜମା ଭାବେ ଦେବାକୁ ହେବ । ଯଦି ନିଲାମଧାରୀ ଏହି ସର୍ତ୍ତକୁ ପାଳନ ନ କରନ୍ତି ତେବେ ତାଙ୍କର ଅମାନତ ଜମା ବ୍ୟାଜ୍ୟାପ୍ତି ହୋଇଯିବ । ବିକ୍ରୟ ସମ୍ପତ୍ତିର ବଳକା ଦେୟ ପତ୍ର ମାଧ୍ୟମରେ କ୍ରେତାଙ୍କୁ ଅବଗତ କରାଯିବ ଏବଂ ସେମାନେ ବିକ୍ରୟ ପତ୍ର ପ୍ରେରଣର ୩୦ ଦିନ ମଧ୍ୟରେ ଉକ୍ତ ଟଙ୍କା ଜମା ଦେବାକୁ ହେବ । ଯଦି କ୍ରେତା ନିର୍ଦ୍ଧାରିତ ସମୟ ମଧ୍ୟରେ ଉକ୍ତ ଦେୟ ଦେଇ ନ ପାରନ୍ତି ତେବେ ସେ ଦେଇଥିବା ଜମାକୁ ମଧ୍ୟ ନିଗମ ବ୍ୟାଜ୍ୟାପ୍ତି କରିପାରିବ ।

ବିଜ୍ଞାପନଟି ଯେ କୌଣସି ନ୍ୟାୟାଳୟ ଆଦେଶର ଅଧିନ ଅଟେ । ଉକ୍ତ ସମ୍ପତ୍ତିର କୌଣସି ଅଂଶ କିମ୍ବା ସମସ୍ତ କ୍ରୟ ପ୍ରସ୍ତାବକୁ ଗ୍ରହଣ କିମ୍ବା ନାକଚ କରିବା ନିଷ୍ପତ୍ତି ନିଗମର ଇଚ୍ଛାଧୀନ ଅଟେ ଏବଂ କୌଣସି କାରଣ ନ ଦର୍ଶାଇ ମଧ୍ୟ ନିଗମ ଉକ୍ତ ସମ୍ପତ୍ତିକୁ ଋଣଗ୍ରହିତାଙ୍କୁ ଫେରସ୍ତ କରିପାରିବ । ବିକ୍ରୟର ସମସ୍ତ ସର୍ତ୍ତାବଳୀ ଏବଂ ବିକ୍ରୟ ସଂପର୍କରେ ବିଶେଷ ବିବରଣୀ ଆମ୍ଭ ୱେବ୍ ସାଇଟ 'www.osfcindia.com' ମାଧ୍ୟମରେ ଏବଂ ଟେଣ୍ଡର ଫର୍ମର ସଂଲଗ୍ନ ପରିଶିଷ୍ଟର ସର୍ତ୍ତାବଳୀରେ ଜାଣିପାରିବେ ।

ବିକ୍ରି ସମ୍ପତ୍ତିର ବିବରଣୀ

| କ୍ରମାଙ୍କ | ଶିଳ୍ପର / ଋଣ ଗ୍ରହିତାଙ୍କ ନାମ /ସଂରକ୍ଷିତ ମୂଲ୍ୟ | ଅମାନତ ଜମା |
|---|---|---|
| ୦୧ | ଶ୍ରୀ ରାମ ଚନ୍ଦ୍ର ସାହୁ ଙ୍କ ଟାଟା ଟ୍ରକ୍ **(OR-01-8892)** ଲୁଣିଆ, ଭଦ୍ରକ,ବାଲେଶ୍ୱର, ସଂମୂ – ଟ· ୦·୮୯ ଲକ୍ଷ (ବାଲେଶ୍ୱର ଶାଖା) | ଟ· ୪,୫୦୦/– |
| ୦୨ | ମେସର୍ସ ଏସ୍·ଏମ୍· ଇଣ୍ଡଷ୍ଟ୍ରି, ଡି–୨ /୮, ଶିଳ୍ପାଞ୍ଚଳ,ବାଲେଶ୍ୱର ସଂମୂ – ଟ· ୪୮·୭୯ ଲକ୍ଷ (ବାଲେଶ୍ୱର ଶାଖା) | ଟ·୨,୪୪,୦୦୦/– |
| ୦୩ | ମେସର୍ସ ଶ୍ରୀ ଶ୍ରୀ ମଙ୍ଗଳା ମୋହିନୀ ଇଣ୍ଡଷ୍ଟ୍ରିଜ୍ , କାର୍ତ୍ତିକଡିହି, ରମ୍ଭା, ଗଂଜାମ (ଜ·ଗୃ·) ସଂମୂ – ଟ· ୧·୦୦ ଲକ୍ଷ (ବ୍ରହ୍ମପୁର ଶାଖା) | ଟ· ୫,୦୦୦/– |
| ୦୪ | ମେସର୍ସ ଦାମୋଦର ରାଇସ୍ ଏବଂ ଫ୍ଲୋର୍ ମିଲ୍ , କିରାପଲ୍ଲୀ, ଆମ୍ବପୁ ଅ, ବେଲଗୁଣ୍ଠା , ଗଂଜାମ (ଜ·ଗୃ·କ), ସଂମୂ – ଟ· ୫·୪୨ ଲକ୍ଷ (ବ୍ରହ୍ମପୁର ଶାଖା) | ଟ· ୨୭,୧୦୦/– |

| | | |
|---|---|---|
| ୦୫ | ମେସର୍ସ ମା ମାଣିକେଶ୍ୱରୀ ମେଟାଲ୍ ଇଣ୍ଡଷ୍ଟ୍ରିଜ୍ , ବିକ୍ରମଗୁଡା, ଧର୍ମଗଡ, କଳାହାଣ୍ଡି (ଜ·ଗୃ·କ)<br>ସଂ·ମୁ – ଟ· ୨୦·୧୩ ଲକ୍ଷ (ଭବାନୀପାଟଣା ଶାଖା) | ଟ·୧,୦୦,୭୦୦/- |
| ୦୬ | ମେସର୍ସ ବେଦି ବାକେଲାଇଟ ଇଣ୍ଡଷ୍ଟ୍ରି ର ଅର୍ଥ ନିଗମ ଭବାନୀପାଟଣା ଶାଖା ରେ ଥିବା କଳକବ୍‌ଜା , ସଂ·ମୁ – ଟ· ୦·୦୮ ଲକ୍ଷ (ଭବାନୀପାଟଣା ଶାଖା) | ଟ· ୪୦୦/- |
| ୦୭ | ମେସର୍ସ ମହାରଣା ଉଡ୍ ୱାର୍କ୍ସ, ଗୋରୁଆଳ, ବ୍ରହ୍ମଗିରି, ପୁରୀ (ଜ·)<br>ସଂ·ମୁ – ଟ· ୪·୦୫ ଲକ୍ଷ (ପୁରୀ ଶାଖା) | ଟ· ୨୦,୩୦୦/- |
| ୦୮ | ମେସର୍ସ ବିକାଶ ଆଗ୍ରୋଟେକ୍ ଇଣ୍ଡିଆ (ପ୍ରା) ଲିଃ, ରଘୁନାଥପଲ୍ଲି, ସମ୍ବଲପୁର(ଜ )<br>ସଂ·ମୁ – ଟ·୫·୮୫ ଲକ୍ଷ (ସମ୍ବଲପୁର ଶାଖା) | ଟ· ୨୯,୩୦୦/- |
| ୦୯ | ମେସର୍ସ ପୂର୍ଣ୍ଣବାସୀ ରାଇସ୍ ହଲର, ବନବାସୀ ପଲ୍ଲୀ, କଟା ପଲ୍ଲୀ , ବରଗଡ (ଜ·ଗୃ·କ)<br>ସଂ·ମୁ – ଟ· ୧· ୩୦ ଲକ୍ଷ (ସମ୍ବଲପୁର ଶାଖା) | ଟ· ୬,୫୦୦/- |
| ୧୦ | ମେସର୍ସ ନିର୍ମଳା ଟେକ୍ସଟାଇଲ୍ସ, ଭିକାରୀପଡା, ଶରଣକୂଳ, ନୟାଗଡ (ଜ·ଗୃ·)<br>ସଂ·ମୁ – ଟ· ୧୧·୭୨ ଲକ୍ଷ (ଭୁବନେଶ୍ୱର ଶାଖା) | ଟ· ୫୮,୭୦୦/- |

ଋଣ ଗ୍ରହିତା/ଜାମିନ ଦାତା/ବନ୍ଧକ ଦାତାଙ୍କୁ ଏତଦ୍ୱାରା ବିଜ୍ଞାପନ ଜାରି ମାଧ୍ୟମରେ ଅନୁରୋଧ କରାଯାଉଅଛି ଯେ ସେ ନିଜେ କିମ୍ବା ତାଙ୍କର ସ୍ୱିକୃତପ୍ରାପ୍ତ ପ୍ରତିନିଧି ଜରିଆରେ ନିଗମର DDAC ସମ୍ମୁଖରେ ନିର୍ଦ୍ଧାରିତ ସମୟ, ତାରିଖ ଓ ସ୍ଥାନ ରେ ହାଜର ହୋଇ ସେମାନଙ୍କର ଜବତ ସମ୍ପତ୍ତିକୁ ମୁକୁଳାଇବା ପାଇଁ ପ୍ରସ୍ତାବ ଦେବେ । ସେ ମଧ୍ୟ ନିଜ ଇଚ୍ଛାନୁଯାୟୀ ଉପଯୁକ୍ତ ଗ୍ରାହକ ଯୋଗାଡ କରି ଓ ଉପର ବିହିତ ମାଧ୍ୟମରେ ଟେଣ୍ଡର ପ୍ରଦାନ କରି ନିଲାମରେ ଭାଗନେଇ ତାଙ୍କ ସମ୍ପତ୍ତିକୁ ଉପଯୁକ୍ତ ମୂଲ୍ୟରେ ବିକ୍ରି କରିବାରେ ସୁଯୋଗ ନେଇ ପାରିବେ । ଯଦି ସେମାନେ DDAC ସମ୍ମୁଖରେ ଉପସ୍ଥିତ ନ ହୁଅନ୍ତି କିମ୍ବା ନିଗମକୁ ସନ୍ତୁଷ୍ଟ କଲାଭଳି ପ୍ରସ୍ତାବ ନ ଦିଅନ୍ତି ତେବେ ଧରାଯିବଯେ ସେମାନଙ୍କର ସମ୍ପତ୍ତି ମୁକୁଳାଇବାର ଉଦ୍ଦେଶ୍ୟ ନାହିଁ । ନିଗମ ଋଣ ଗ୍ରହିତା/ଜାମିନ ଦାତା/ବନ୍ଧକ ଦାତାଙ୍କୁ ବ୍ୟକ୍ତିଗତ ନୋଟିସ୍ ଦେବାକୁ ବାଧ୍ୟ ନୁହେଁ ଏବଂ ଏହି ବିଜ୍ଞାପନ ସେମାନଙ୍କର ଅବଗତ ନିମନ୍ତେ ଯଥେଷ୍ଟ ।

ବିକ୍ରୟ, ବିଜ୍ଞାପନ ଏବଂ ୱେବ୍ ସାଇଟ୍ ରେ ପ୍ରକାଶିତ ହୋଇଥିବା ତଥ୍ୟ ଜନିତ ତୃଟି ମାର୍ଜ୍ଜନୀୟ ।

ବି:ଦ୍ର –

ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶମତେ

ଉପସାଧାରଣ ପରିଚାଳକ (ଋଣ ଆଦାୟ ବିଭାଗ)

ଜ·ଗୃ·କ – ଜମି, ଗୃହ ଓ କଳକବ୍‌ଜା

ସଂ ମୁ – ସଂରକ୍ଷିତ ମୂଲ୍ୟ